ଓଡ଼ିଶା ସରକାର

# 1୯୯୮–୯୯ ବର୍ଷର ଆୟବ୍ୟୟ ଅଟକଳ (ଲେଖାନୁଦାନ) ଓଡ଼ିଶା ବିଧାନ ସଭାରେ ଉପସ୍ଥାପନ ଅବସରରେ

ଉପମୁଖ୍ୟମନ୍ତ୍ରୀ ତଥା

ଅର୍ଥ ମନ୍ତ୍ରୀ

## ଶ୍ରୀଯୁକ୍ତ ବସନ୍ତ କୁମାର ବିଶ୍ୱାଳଙ୍କର

ଅଭିଭାଷଣ

ମାର୍ଚ୍ଚ 1୪, 1୯୯୮

ଅଧ୍ୟକ୍ଷ ମହାଶୟ,

ଏହି ମହାନ ଗୃହରେ 1998–99 ଆର୍ଥିକ ବର୍ଷର ପ୍ରଥମ ଚାରିମାସ ପାଇଁ ଲେଖାନୁଦାନ ଦାବୀ ଉପସ୍ଥାପନ କରିବା ଅବସରରେ ଆଜି ମୁଁ ମାନ୍ୟବର ସଭ୍ୟ ମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ବିଗତ ତିନି ବର୍ଷରେ ସରକାର ରାଜ୍ୟର ଦ୍ରୁତ ଅର୍ଥନୈତିକ ଓ ସାମାଜିକ ପ୍ରଗତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ନିଷ୍ଠାପର ଓ ଦୃଢ ପଦକ୍ଷେପ ମାନ ନେଇଛନ୍ତି ।

2. ମହାଶୟ, 1998–99 ଆର୍ଥିକ ବର୍ଷପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବା ସମ୍ଭବ ହେଉନାହିଁ । କେନ୍ଦ୍ରରେ ନୂତନ ସରକାର କାର୍ଯ୍ୟଭାର ଗ୍ରହଣ କରିବାପରେ ତାଙ୍କର ଯୋଜନା ନୀତି ପ୍ରଣୟନ କରି କେଉଁ କେଉଁ କ୍ଷେତ୍ରରେ ଅଗ୍ରାଧିକାର ଦେବେ ତାହା ନିଷ୍ପତ୍ତି କରିବେ । ଆମ ରାଜ୍ୟ କେନ୍ଦ୍ର ସରକାରଙ୍କ ଠାରୁ ରାଜ୍ୟ ଯୋଜନା କାର୍ଯ୍ୟକାରୀ କରିବା ନିମିତ୍ତ କେତେ ପରିମାଣର ଆର୍ଥିକ ସାହାଯ୍ୟ ପାଇବ ଓ ଖୋଲା ବଜାରରୁ କେତେ ପରିମାଣର ଋଣ ଆହରଣ କରିବ ତାହା କେନ୍ଦ୍ର ସରକାର ସ୍ଥିର କରିବେ । ଏ ସବୁ ବିଷୟ ବିଚାରକୁ ନିଆଯାଇ 1998–99 ଆର୍ଥିକ ବର୍ଷ ପାଇଁ

ରାଜ୍ୟ ଯୋଜନା ପ୍ରସ୍ତୁତ କରାଯିବ । ତେଣୁ ବର୍ତ୍ତମାନ ରାଜ୍ୟ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ପ୍ରସ୍ତୁତ କରାନଯାଇ ବର୍ଷର ପ୍ରଥମ ଚାରି ମାସ ନିମନ୍ତେ ଏକ କାମଚଳା ବଜେଟ୍ ପ୍ରସ୍ତୁତ କରାଯାଇଛି । ସମ୍ବିଧାନ ବ୍ୟବସ୍ଥା ଅନୁଯାୟୀ 1998-99 ଆର୍ଥିକ ବର୍ଷର ପ୍ରଥମ ଚାରିମାସର ବ୍ୟୟ ମଞ୍ଜୁର ଲାଗି ମୁଁ ଗୃହରେ 3190.01 କୋଟି ଟଙ୍କାର ଲେଖାନୁଦାନ ପ୍ରସ୍ତାବ ଆଗତ କରୁଛି । ଏଥି ମଧ୍ୟରୁ ରାଜସ୍ୱ ବ୍ୟୟ 2208.32 କୋଟି ଟଙ୍କା ହେବ ।

3. ମହାଶୟ, ଉକ୍ତ ଲେଖାନୁଦାନ ସହ ମଧ୍ୟ ମୁଁ ଆସନ୍ତା 1998-99 ଆର୍ଥିକ ବର୍ଷର ଏକ ଆୟ ବ୍ୟୟର ଅଟକଳ ଗୃହରେ ଉପସ୍ଥାପନା କରିଛି । ତାହା ଅନୁଯାୟୀ ଆସନ୍ତା ବର୍ଷରେ ସଂଗଠିତ ପାଣ୍ଠି, ଆକସ୍ମିକ ପାଣ୍ଠି ଓ ସରକାରୀ ହିସାବରେ ସମୁଦାୟ ଆଦାୟର ପରିମାଣ 13340.54 କୋଟି ଟଙ୍କା ହେବାବେଳେ ସମୁଦାୟ ବ୍ୟୟର ପରିମାଣ 13340.54 କୋଟି ଟଙ୍କା ହେବ । ଏଥି ମଧ୍ୟରୁ ରାଜସ୍ୱ ହିସାବରେ 5705.43 କୋଟି ଟଙ୍କା ଆଦାୟ ଓ 6624.97 କୋଟି ଟଙ୍କା ବ୍ୟୟ ହେବ ବୋଲି ଏକ ପ୍ରାରମ୍ଭିକ ଅଟକଳ କରାଯାଇଛି । 1997-98 ରେ ଅଣଯୋଜନା ରାଜସ୍ୱ

ବ୍ୟୟର ସଂଶୋଧିତ ଅଟକଳ 4235.06 କୋଟି ଟଙ୍କା ମଧ୍ୟରୁ ସୁଧର ଦେୟ ପରିମାଣ 1305.84 କୋଟି ଟଙ୍କା ବାଦଦେଲେ ଅନ୍ୟାନ୍ୟ ରାଜସ୍ୱ ବ୍ୟୟର ପରିମାଣ 2929.22 କୋଟି ଟଙ୍କା ରଖାଯାଇଅଛି । 1998-99 ଆର୍ଥିକ ବର୍ଷରେ ଅଣଯୋଜନା ରାଜସ୍ୱ ବ୍ୟୟର ପରିମାଣ 5314.29 କୋଟି ଟଙ୍କା ରଖାଯାଇଅଛି । ଏହା ମଧ୍ୟରୁ ସୁଧ ଦେୟ ବାବଦକୁ 1456.07 କୋଟି ଟଙ୍କା ଏବଂ ଅନ୍ୟାନ୍ୟ ବାବଦରେ 3858.22 କୋଟି ଟଙ୍କା ରଖାଯାଇଅଛି । ଏହା ପୂର୍ବ ବର୍ଷର ତତୁଲ୍ୟ ବ୍ୟୟ ଅପେକ୍ଷା 929.00 କୋଟି ଟଙ୍କା ଅଧିକ । ଏହା ମଧ୍ୟରେ ସରକାରୀ କର୍ମଚାରୀ ମାନଙ୍କର ବର୍ଦ୍ଧିତ ଦରମା, ପେନ୍‌ସନ୍ ଭୋଗୀ ମାନଙ୍କ ପାଇଁ ଅଧିକ ହାରରେ ପେନ୍‌ସନ୍, ଗ୍ରାଚ୍ୟୁଇଟି ଏବଂ ପୌରସଂସ୍ଥା ମାନଙ୍କୁ ଦେୟ ଅନୁଦାନ ଅନ୍ତର୍ଭୁକ୍ତ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଅଣଯୋଜନା ରାଜସ୍ୱ ବ୍ୟୟ ପ୍ରତି ବର୍ଷ ବଢି ଚାଲିଛି । ମୁଖ୍ୟ କାରଣ ହେଉଛି ପ୍ରତି ବର୍ଷ ସୁଧ ଓ ମୂଳର ଦେୟ ବଢୁଛି, ସରକାରୀ କର୍ମଚାରୀ ମାନଙ୍କୁ ବର୍ଦ୍ଧିତ ହାରରେ ମହଙ୍ଗା ଭତ୍ତା ଏବଂ ପେନ୍‌ସନ୍ ଭୋଗୀ ମାନଙ୍କୁ ମଧ୍ୟ ସାମୟିକ ବୃଦ୍ଧି ଦେବାକୁ ପଡୁଛି । ଏଗୁଡିକ ଅନିର୍ବାଯ୍ୟ ଖର୍ଚ୍ଚ । ଯେଉଁ ଆକାରରେ ଅଣଯୋଜନା ରାଜସ୍ୱ ବ୍ୟୟ ବଢୁଛି, ସେହି

ଅନୁସାରେ ରାଜସ୍ୱ ବୃଦ୍ଧି କରିବାକୁ ପଡିବ । ଏଥି ପାଇଁ ଅତିରିକ୍ତ ସମ୍ବଳ ସଂଗ୍ରହ ଜରିଆରେ ଅଧିକ ରାଜସ୍ୱ ଆଦାୟ କରିବାକୁ ପଡିବ । ଏହା ସହିତ ବ୍ୟୟ ସଙ୍କୋଚ ମଧ୍ୟ କରିବାକୁ ହେବ । ତେଣୁ ରାଜ୍ୟ ସରକାର କେତେ ଗୁଡିଏ ବ୍ୟୟ ସଙ୍କୋଚ ପଦକ୍ଷେପ ନେଇଛନ୍ତି ।

4. ମହାଶୟ, ଅଣଯୋଜନା ଖର୍ଚ୍ଚ ପରିମାଣକୁ ଯଥାସମ୍ଭବ ସଙ୍କୁଚିତ କରିବାପାଇଁ ନିଷ୍ପତ୍ତି କରାଯାଇ ଅଛି । ତାହା ସହିତ ରାଜ୍ୟର ଟିକସ ଓ ଅଣ ଟିକସ ରାଜସ୍ୱ ସଂଗ୍ରହ କରିବାର ସମସ୍ତ ପ୍ରକାର ଉଦ୍ୟମ ମଧ୍ୟ ଅବ୍ୟାହତ ରଖାଯାଇଛି । ଆସନ୍ତା ଆର୍ଥିକ ବର୍ଷରେ ରାଜ୍ୟର ଜନସାଧାରଣଙ୍କ ଉପରେ ମାତ୍ରାଧିକ ଟିକସର ବୋଝ ଲଦିନଦେଇ ଯୋଜନା ଖର୍ଚ୍ଚ ପାଇଁ କିପରି ଅଧିକ ସମ୍ବଳ ସଂଗ୍ରହ କରାଯାଇ ପାରିବ, ସେଥିପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯାଉଅଛି । ଏହା ଫଳରେ 1997–98 ଆର୍ଥିକ ବର୍ଷରେ ଟିକସ ସୂତ୍ରରୁ 1615.42 କୋଟି ଟଙ୍କା ଆଦାୟ ଲକ୍ଷ୍ୟ ଥିବା ସ୍ଥଳେ 1998–99 ଆର୍ଥିକ ବର୍ଷରେ ତାହା 1950.00 କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଅଛି । ସମ୍ବଳର ଅଭାବ ଯୋଗୁ ରାଜ୍ୟର ଦ୍ରୁତ

ଅର୍ଥନୈତିକ ବିକାଶ ବାଧା ପ୍ରାପ୍ତ ହୋଇଥିବାରୁ ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଅଛି । ସରକାରୀ କର୍ମଚାରୀ ମାନଙ୍କୁ ସଂଶୋଧିତ ହାରରେ ବେତନ ଦେବା ପାଇଁ ପ୍ରସ୍ତାବ ରହିଥିବା ହେତୁ ଏ ବାବଦରେ ଖର୍ଚ୍ଚ ହେବାକୁ ଥିବା ଟଙ୍କା ଭରଣା କରିବା ପାଇଁ ଅତିରିକ୍ତ ସମ୍ବଳ ସଂଗ୍ରହ କରିବା ଜରୁରୀ ହୋଇପଡିଛି । ଏଥିପାଇଁ କେତେଗୁଡିଏ ପଦକ୍ଷେପ ସରକାର ନେବା ପାଇଁ ସ୍ଥିର କରୁଅଛନ୍ତି । ତାହା ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କଲାବେଳେ ମୁଁ ଆପଣ ମାନଙ୍କ ନିକଟରେ ଉପସ୍ଥାପନ କରିବି ଏବଂ ଆପଣ ମାନଙ୍କ ସହଯୋଗ କାମନା କରିବି ।

୨. ବର୍ତ୍ତମାନ କେଉଁ ପରିସ୍ଥିତିରେ 1998-99 ଆର୍ଥିକ ବର୍ଷରେ ଯୋଜନାକୁ ଚୂଡାନ୍ତ ରୂପରେଖ ଦେବା ସମ୍ଭବ ହୋଇପାରିନାହିଁ ସେ ବିଷୟରେ ମୁଁ ଆଗରୁ ସୂଚନା ଦେଇଛି । ଚଳିତ ଆର୍ଥିକ ବର୍ଷ ପାଇଁ ରାଜ୍ୟ ଯୋଜନାରେ 2317.00 କୋଟି ଟଙ୍କା ବିନିଯୋଗ ବରାଦ ହୋଇଥିଲା । ତାହା ସଂଶୋଧନ କରାଯାଇ 2126.16 କୋଟି ଟଙ୍କାରେ ସୀମିତ ରଖାଯାଇଅଛି । ଆସନ୍ତା ବର୍ଷର ଯୋଜନା ବ୍ୟୟ ପାଇଁ 2025.00 କୋଟି ଟଙ୍କା ବ୍ୟୟ ବରାଦ ହେବାର ଅଟକଳ

କରାଯାଇଅଛି । ଆସନ୍ତା ପୂର୍ଣ୍ଣାଙ୍ଗ ବଜେଟ୍‌ରେ ଯୋଜନା ଖର୍ଚ୍ଚ ନିଶ୍ଚିତ ଭାବରେ ବୃଦ୍ଧି ପ୍ରାପ୍ତ ହେବ ଏବଂ ଯୋଜନାର ରୂପରେଖ ସେତେବେଳେ ଜଣାପଡିବ ।

୬. ମହାଶୟ, ଉପରୋକ୍ତ ପ୍ରକାରେ ୧୯୯୮-୯୯ ଆର୍ଥିକ ବର୍ଷର ପ୍ରଥମ ଚାରି ମାସର ଏହି ଲେଖାନୁଦାନ ରାଜ୍ୟରେ ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକାର ଅଣଯୋଜନା ଓ ଯୋଜନା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ନିମନ୍ତେ ଉଦ୍ଦିଷ୍ଟ । ଇତି ମଧ୍ୟରେ ଆମ ସରକାର ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ ନୀତି ଓ କୃଷି ନୀତି ଘୋଷଣା କରିଛନ୍ତି । ଏହି ପ୍ରଗତିଶୀଳ ନୀତି ଗୁଡିକର ସଫଳ ରୂପାୟନ ନିମନ୍ତେ ନିଷ୍ଠାପର ଉଦ୍ୟମ କରାଯିବ । ଆମ ସରକାର ସାମାଜିକ ସୁରକ୍ଷା ବ୍ୟବସ୍ଥାର ସୁଦୃଢୀକରଣ ପାଇଁ ଯେଉଁ କାର୍ଯ୍ୟକ୍ରମମାନ ଆରମ୍ଭ କରିଛନ୍ତି, ସେଥିପାଇଁ ଲେଖାନୁଦାନରେ ପର୍ଯ୍ୟାପ୍ତ ବ୍ୟୟ ବରାଦ କରାଯାଇଛି । ତେଣୁ ଏହି ଚାରିମାସ ମଧ୍ୟରେ କୌଣସି ବିକାଶ ମୂଳକ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବନାହିଁ ବୋଲି ମୁଁ ମାନ୍ୟବର ସଦସ୍ୟ ମାନଙ୍କୁ ଦୃଢ ପ୍ରତିଶ୍ରୁତି ଦେଉଛି । ପୂର୍ଣ୍ଣାଙ୍ଗ ବଜେଟ୍‌ରେ ରାଜ୍ୟବାସୀଙ୍କର ଆଶା ଆକାଂକ୍ଷା ପୂର୍ଣ୍ଣକରିବା

ଲକ୍ଷ୍ୟରେ ଅନେକ ନୂତନ କାର୍ଯ୍ୟକ୍ରମ ହାତକୁ ନେଇ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଫଳପ୍ରଦ ପଦକ୍ଷେପ ମାନ ନିଆଯିବ । ଲେଖାନୁଦାନ ପ୍ରସ୍ତାବ ଗ୍ରହଣ କରିବା ନିମନ୍ତେ ମୁଁ ଏ ଗୃହର ମାନ୍ୟବର ସଦସ୍ୟ ମାନଙ୍କର ଆନ୍ତରିକ ସହଯୋଗ କାମନା କରୁଛି ।

ଜୟହିନ୍ଦ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ–10